## ତହସିଲଦାରଙ୍କ ଅଦାଲତ, ନାକଟିଦେଉଳ

ମୋକଦ୍ଦମା ସଂଖ୍ୟା ...01.../ 2024 (Alienation Misc Case) ପି.ଆର ସଂ 348 Dt. 20.07.2024

**ସର୍ବସାଧାରଣ ଘୋଷଣା**

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ ନିର୍ବାହୀ ଯନ୍ତ୍ରୀ-ଗ୍ରାମ୍ୟ ପାନୀୟ ଜଳଯୋଗାଣ, ସମ୍ବଲପୁର, ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ, ବୃହଦ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଲିଜସୂତ୍ରେ ଆବେଦନ କରିଛନ୍ତି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ନମ୍ବର 35465/R&DM ତା 26.10.2017 ଅନୁଯାୟୀ, ରାଜ୍ୟ ସରକାର ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ତାଙ୍କ ଅଧୀନରେ ଥିବା ଜମିଗୁଡିକ ଯାହାକି ଯୋଗ୍ୟ ଯବାନ ଏବଂ ଭୂମିହୀନ ପୂର୍ବତନ ସେବାୟତଙ୍କ ପାଇଁ ସଂରକ୍ଷିତ ରହିଛି, ଏହାକୁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ଆବାଦ ଯୋଗ୍ୟ ଅନାବାଦୀ ଖାତାକୁ ଆଣିବା ପାଇଁ କ୍ଷମତା ପ୍ରଦାନ କରିଛନ୍ତି | ଆବଶ୍ୟକ ସମୟରେ ଏହି ଜମିଗୁଡିକ ଯେପରି ଗୁରୁତ୍ୱପୂର୍ଣ ସାଧାରଣ ଜନ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ | ଏହି ନିୟମ ମୁତାବକ, ନିମ୍ନ ତଫସିଲଭୁକ୍ତ ଜମିର ମନ୍ତବ୍ୟ ଖାନାରୁ ନୋଟ ହଟାଯିବାର ପ୍ରସ୍ତାବ ରହିଅଛି । ଏଥିରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ଘୋଷଣା ହେବାର ପନ୍ଦର ଦିନ ମଧ୍ୟରେ ଆବଶ୍ୟକ କୋର୍ଟ ଫି ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ଆପତ୍ତି କରିପାରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

<u>ପ୍ରସ୍ତାବିତ ତଫସିଲଭୁକ୍ତ ଜମିର</u>

ମୌଜା- ଡାଙ୍ଗୁଆଘୋଲ

| ଖାତା | ପ୍ଲଟ ନଂ | ରକବା | କିସମ | ମନ୍ତବ୍ୟ |
|---|---|---|---|---|
| ୩୭ (ଧା.ଉଠା.ଏ) | ୨୭୭ | ୫୪.୭୨ ଡି | ଜଙ୍ଗଲ | ଓଡିଶାର ଜବାନ ମାନଙ୍କ ପାଇଁ ସଂରକ୍ଷିତ |

ଏଥିସହ ତଫସିଲଭୁକ୍ତ ଜମି ଖତିୟାନର ଏକକୀତା ନକଲ ନଥି କରାଗଲା ।

(Sd.) 20/07/2024
ତହସିଲଦାର, ନାକଟିଦେଉଳ
TAHASILDAR NAKTIDEUL

ଜ୍ଞାପନ ସଂଖ୍ୟା ...୩୪୭/୨୦୨୪... ତାରିଖ ...୨୦.୦୭.୨୦୨୪...

ଏହାର ଏକକିତା ନକଲ ଗ୍ରାମବାସୀ, ...ଡାଙ୍ଗୁଆଘୋଲ... / ନୋଟିସ ବୋର୍ଡ, ତହସିଲ କାର୍ଯ୍ୟାଳୟ, ନାକଟିଦେଉଳ / ସରପଞ୍ଚ, ...ସରାପାଲି... /ରାଜସ୍ୱ ନିରୀକ୍ଷକ, ...ନାକଟିଦେଉଳ... ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(Sd.) 20/07/2024
ତହସିଲଦାର, ନାକଟିଦେଉଳ
TAHASILDAR NAKTIDEUL

ଜ୍ଞାପନ ସଂଖ୍ୟା ...୩୪୮/୨୦୨୪... ତାରିଖ ...୨୦.୦୭.୨୦୨୪...

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ DIO, (NIC), ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପୋରକ୍ତ ସର୍ବସାଧାରଣ ଇସ୍ତାହାରକୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟିରେ ପ୍ରକାଶନ ଅନୁରୋଧ କରଗଲା ।

(Sd.) 20/07/2024
ତହସିଲଦାର, ନାକଟିଦେଉଳ
TAHASILDAR NAKTIDEUL